### ୪୦କେଜି ଗଞ୍ଜେଇ ଭର୍ତ୍ତି କାର୍ ଜବତ

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ-ବଡ଼ଚଣା ମଧ୍ୟରେ ଥିବା ନବଦ୍ୱୀପ ହୋଟେଲ ନିକଟରେ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ୪୦ କେଜି ଗଞ୍ଜେଇ ଭର୍ତ୍ତି ଏକ କାର୍‌କୁ ଜବତ କରିଛି। କଟକ ଆଡୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ଉକ୍ତ କାର୍ ହୋଟେଲ ନିକଟରେ ଦୀର୍ଘ ସମୟ ଧରି ଠିଆହୋଇ ରହିଥିଲା। ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ସେଠାରେ ଥିବା ଦୁଇଜଣ ବ୍ୟକ୍ତି ସ୍ଥାନ ଛାଡି ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କ ସନ୍ଧାନ ପାଇ ନ ଥିଲା। ପୋଲିସ କାର୍‌କୁ ତନଖି କରିବା ପରେ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ତେବେ ଘଟଣାର ଅନୁସନ୍ଧାନ ଜାରି ରହିଥିବାରୁ ପୋଲିସ ଗାଡ଼ି ନମ୍ବର ଓ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ସୂଚନା ଦେବାକୁ ମନା କରିଛି।

## ସଂକ୍ଷେପରେ

### କେସ ରାଇପୁର ପାହାଡ଼ ପରିଦର୍ଶନ କଲେ ଜିଲାପାଳ

ଚଣ୍ଡିଖୋଲ,୭।୧(ଡି.ଏନ.ଏ.): ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଶୁକ୍ରବାର ଦର୍ପଣ ତହସିଲ ଅନ୍ତର୍ଗତ କେସ ରାଇପୁର ପାହାଡ଼ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଖଣି ବିଭାଗ, ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପାହାଡ଼ରୁ ଖାଣ୍ଡେଲାଇଟ ପଥର ଖନନ ପାଇଁ ଓଡିଶା ଖଣି ନିଗମକୁ ଦାୟିତ୍ୱ ଦିଆଯାଇଛି। ଏଠାରୁ ପଥର ଯାଇ ପୁରୀ ସହର ସୌନ୍ଦର୍ଯ୍ୟକରଣରେ ବ୍ୟବହାର କରାଯିବ। ତେବେ ଏହି ପାହାଡ଼ରେ ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ରହିଥିବା ଯୋଗୁ ପାହାଡ଼ ଖନନ ବନ୍ଦ କରିବାକୁ ବୁଧବାର ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧାୟନ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

### ଏଣ୍ଡର, ପଲେଇରେ ଧାନ ମଣ୍ଡି ଖୋଲିଲା

ଡେରାବିଶ,୭।୧(ସ୍ୱ.ପ୍ର.): ଖରିଫ ଧାନ ଅମଳ ପରେ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ରାଜସ୍ୱ ନିରୀକ୍ଷକ କୁଳମଣି ପୃଷ୍ଟି ଧାନ ମଣ୍ଡିର ଶୁଭାରମ୍ଭ କରିଛନ୍ତି। ଚଳିତବର୍ଷ ମଣ୍ଡିରେ ୮୩୨୧ କୁଇଣ୍ଟାଲ ଧାନ କ୍ରୟ କରାଯିବ। ଏହି କାର୍ଯ୍ୟକ୍ରମରେ ସହସମ୍ପାଦକ ମନୋରଞ୍ଜନ ସାହୁ, ଗୋପାଳ ଚନ୍ଦ୍ର ରାଉତ, ଶିବ ପ୍ରସାଦ ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସେହିପରି ପଲେଇ ସମବାୟ ସମିତିରେ ଧାନମଣ୍ଡିକୁ ଜିଲା ସମବାୟ ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାସ, ଉପସହକାରୀ ନିବନ୍ଧକ ମନମୋହନ ରାଉତ ଶୁଭାରମ୍ଭ କରିଥିଲେ। ସମିତିକୁ ପ୍ରଥମ ପର୍ଯ୍ୟାୟରେ ୫୩୫୧ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ନେଇ ସମ୍ପାଦକ ମନୋରଞ୍ଜନ ଦାସ ସୂଚନା ପ୍ରଦାନ କରିଥିଲେ।

### ୪୯ ଲକ୍ଷ ଟଙ୍କା ବ୍ୟୟରେ ପତିଘର ଠାରେ ହେବ ପଥର ପ୍ୟାକିଂ

ରାଜକନିକା,୭।୧(ଡି.ଏନ୍.ଏ.): ଖରସ୍ରୋତା ନଦୀ ଆଁରେ କଣ୍ଡିଆ ଗାଁର ବହୁ ଲୋକଙ୍କ ଘରଦ୍ୱାର, ସମ୍ପତ୍ତିବାଡ଼ି ଶହେ ବର୍ଷ ମଧ୍ୟରେ ଚାଲିଗଲାଣି। ନଦୀକୂଳ ଖାଇଯିବାରୁ ଲୋକେ ଘୁଞ୍ଚି ଘୁଞ୍ଚି ଯାଉଛନ୍ତି। ବହୁ ଲୋକଙ୍କ ଘର ନଦୀ ଅତଡ଼ାରେ ଝୁଲୁଛି। ଆର୍ଥିକ ଅବସ୍ଥା ଶୋଚନୀୟ ଯୋଗୁ ବର୍ଷ ବର୍ଷ ଧରି କେତେଜଣ ଲୋକ ସେହି ଭିଟାମାଟିରେ ପଡ଼ିରହିଛନ୍ତି। ତେଣୁ ଆଜି ତଟବନ୍ଧ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର, ରାଜକନିକା ସହକାରୀ ନିର୍ବାହୀଯନ୍ତ୍ରୀ କୁମରବର ଦାସ ଓ କନିଷ୍ଠଯନ୍ତ୍ରୀ ଧୀରେନ୍ ସାହୁ ପ୍ରମୁଖ ଏହି ଅବସ୍ଥା ଦେଖି ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଖରସ୍ରୋତା ନଦୀର ପତିଘର ନିକଟରେ ପଥର ପ୍ୟାକିଂ କରାଯିବା ପାଇଁ ରାଜ୍ୟ ସରକାର ୪୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ବୋଲି ଅଧୀକ୍ଷଣ ଯନ୍ତ୍ରୀ ମିଶ୍ର କହିଛନ୍ତି।

### କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ସଂରକ୍ଷଣ ତାଲିକା

କେନ୍ଦ୍ରାପଡ଼ା ଅଫିସ, ୭।୧: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକର ୨୭ ସମିତିସଭ୍ୟ ପଦ ପାଇଁ ଅନୁସୂଚିତ ଜାତିର ୭ ଜଣ, ଜନଜାତିର ଜଣେ ଓ ୧୯ଟି ପଞ୍ଚାୟତର ପଦବୀକୁ ଅସଂରକ୍ଷିତ ରଖାଯାଇଛି। ଅସଂରକ୍ଷିତ ମହିଳା ବର୍ଗର ପ୍ରାର୍ଥମାନେ ବ୍ଲକ ଅଞ୍ଚଳର ଆୟବା, କୁତରଙ୍ଗ, ଗାଙ୍ଗପଡା, ଗୁଲନଗର, ଚକ୍ରୋଡା, ପଳସିଂହା, ବଗଡା, ଭାଗବତପୁର ଓ ଚାରିଗାଁ ପଞ୍ଚାୟତରେ ନିର୍ବାଚନ ଲଢ଼ିପାରିବେ। ବାରୋ, ନିକିରାଇ, ଢ଼ୋଲ, ଜମଧର, ଘାଘରା, କଂସାର, କୋରୋ, କଳପଡା, କପାଳେଶ୍ୱର ଓ ଇନ୍ଦୁପୁର ପଞ୍ଚାୟତକୁ ଅସଂରକ୍ଷିତ ରଖାଯାଇଛି। ଓସ୍ତପୁର ପଞ୍ଚାୟତରେ ଅନୁସୂଚିତ ଜନଜାତି ମହିଳା ଓ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ପାଇଁ କେଶପୁର, ଧୂମାତ, ଭରତପୁର ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ କରାଯାଇଛି। ସେହିପରି ଅନୁସୂଚିତ ଜାତିର ପ୍ରାର୍ଥୀମାନେ ସାନମାଣତିଆ, ପୁରୁଷୋତ୍ତମପୁର ଓ ଚନ୍ଦନପୁର ସଂରକ୍ଷଣ ରହିଛି। ସେହିପରି ସରପଞ୍ଚ ପଦବୀ କ୍ଷେତ୍ରରେ ଇନ୍ଦୁପୁର, ଓସ୍ତପୁର, କୁତରଙ୍ଗ, ଗାଙ୍ଗପଡା, ଜମଧର, ଢ଼ୋଲ, ପଳସିଂହା, ବଗଡା ଓ ବାରୋ ପଞ୍ଚାୟତକୁ ଅସଂରକ୍ଷିତ କରାଯାଇଛି। ଅସଂରକ୍ଷିତ ମହିଳାଙ୍କ କ୍ଷେତ୍ରରେ ଆୟବା, କପାଳେଶ୍ୱର, କଳପଡା, କୋରୋ, କଂସାର, ଗୁଲନଗର, ଘାଘରା, ଚକ୍ରୋଡା, ଚାରିଗାଁ, ଭାଗବତପୁର ପଞ୍ଚାୟତରେ ପ୍ରାର୍ଥୀ ହୋଇପାରିବେ। ଅନୁସୂଚିତ ଜାତିଙ୍କ ପାଇଁ ସାନମାଣତିଆ, ଶ୍ୟାମସୁନ୍ଦରପୁର, ଭରତପୁର ଓ ଚନ୍ଦନପୁର ପଞ୍ଚାୟତକୁ ସଂରକ୍ଷିତ କରାଯାଇଛି। ଏଥିସହ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ପାଇଁ କେଶପୁର, ଧୂମାତ, ନିକିରାଇ ଓ ପୁରୁଷୋତ୍ତମପୁରକୁ ସଂରକ୍ଷଣ ମିଳିଛି।

# ଭାଜପା ସଫଳତାରେ ବ୍ରେକ୍ ଲାଗିପାରେ

**ଯାଜପୁର ଅଫିସ,୭।୧**

**ଯାଜପୁର ଜିଲା: ଭୋଟ୍ ହାର**

ଯାଜପୁର ଜିଲାରେ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ୨୦୧୯ ସାଧାରଣ ନିର୍ବାଚନକୁ ଦେଖିଲେ ଭାଜପା ଯେଭଳି ସଫଳତା ପାଇଥିଲା ତାହା ଆଗାମୀ ପଞ୍ଚାୟତ ନିର୍ବାଚନରେ ବଜାୟ ରହି ନ ପାରେ। କାରଣ ଜିଲାରେ ଇତିମଧ୍ୟରେ ଭାଜପାର କେତେଜଣ ତୁଙ୍ଗ ନେତା ବହୁ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି, ଯାହାକି ଭାଜପାର ଭୋଟହାର ବୃଦ୍ଧି ସଫଳତାରେ ବ୍ରେକ୍ ଲଗାଇପାରେ ବୋଲି ଆକଳନ କରାଯାଉଛି।

ଯାଜପୁର ଜିଲାରେ ଗତ ସାଧାରଣ ନିର୍ବାଚନର ବିଜେଡି ୪୯.୮୧%, ଭାଜପା ୪୦.୫% ଓ କଂଗ୍ରେସ ପ୍ରାର୍ଥୀ ୭.୬୩% ଭୋଟ ପାଇଥିଲେ। ଭାଜପା ୨୦୧୪ ନିର୍ବାଚନରେ ୧୫.୫୩% ଭୋଟ ପାଇଥିବାବେଳେ ୨୦୧୯ରେ ୪୦.୫%କୁ ଲମ୍ଫ ମାରିଥିଲା। ଏହି ଫଳାଫଳ ବିଜେଡି ପାଇଁ ସତର୍କଘଣ୍ଟି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଥିଲା। ଏହି ୨ ବର୍ଷ ମଧ୍ୟରେ ପରିସ୍ଥିତ ବଦଳି ଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କୁ ଅତିଷ୍ଠ କରିଥିବାବେଳେ ଏହା ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ପ୍ରଭାବ ପକାଇବ ବୋଲି ମତପ୍ରକାଶ ପାଇଛି।

୨୦୧୭ରେ ପଞ୍ଚାୟତ ନିର୍ବାଚନରେ ଭାଜପା ୬ଟି ଏବଂ ବିଜେଡି ୩୩ଟି ଜିଲା ପରିଷଦ ଆସନ ହାତେଇଥିଲା। ୨୦୧୪ ସାଧାରଣ ନିର୍ବାଚନ ସହ ତୁଳନା କଲେ ଭାଜପାର ଭୋଟ ହାର ୧୬%ରୁ ପ୍ରାୟ ୩୧%କୁ ବୃଦ୍ଧି ଘଟିଥିଲା। ଭାଜପା ସପକ୍ଷରେ ଏଭଳି ଜନାଦେଶ ବିଜେଡି ଶିବିରକୁ ଅସ୍ଥିର କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଜିଲାରେ କୌଣସି ଗୋଟିଏ ଆସନରେ ଜିତି ନ ଥିଲେ ମଧ୍ୟ ଭୋଟହାର ବୃଦ୍ଧି ଘଟିଥିଲା। ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀରେ କଡ଼ା ଟକ୍କର ହୋଇଥିଲା। ବଡ଼ଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧୪୮୫ ଭୋଟ ଓ ବରୀରେ ଭାଜପା ପ୍ରାର୍ଥୀ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ହାରିଥିଲେ। ଏହା କେବଳ ମୋଦି ହାୱା ଯୋଗୁ ହୋଇଥିବା ଅନେକେ କହିବା ସହ ସମ୍ପ୍ରତି ଦେଶରେ ଅର୍ଥନୈତିକ ଦୁଃସ୍ଥିତି, ତୈଳ ଏବଂ ଅନ୍ୟାନ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଭାଜପା ପାଇଁ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ସେମାନେ କହୁଛନ୍ତି।

ଅନ୍ୟପକ୍ଷରେ ବର୍ତ୍ତମାନ ଜିଲାର ପ୍ରାୟ ସମସ୍ତ ନିର୍ବାଚନମଣ୍ଡଳୀରେ ଆବାସ ଦୁର୍ନୀତି ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଲୋକଙ୍କୁ ଅସନ୍ତୁଷ୍ଟ କରିଛି। ଅନେକ ଲୋକହିତକର ଯୋଜନା ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିନାହିଁ। ୨୨ ବର୍ଷର ବିଜେଡି ଶାସନକୁ ଅବଲୋକନ କଲେ ଅପପୁଷ୍ଟି, ପାନୀୟ ଜଳ ସମସ୍ୟା, ଗମନାଗମନ କ୍ଷେତ୍ରରେ ମଧ୍ୟ ଜିଲା ବହୁ ପଛରେ ରହିଛି। କିନ୍ତୁ ଭାଜପା ଏସବୁ କ୍ଷେତ୍ରରେ ଉପଯୁକ୍ତ ଭାବେ ପ୍ରତିବାଦ କରିବାରେ ବିଫଳ ହୋଇଥିବାରୁ ଆଗାମୀ ନିର୍ବାଚନରେ ଲୋକଙ୍କ ସମର୍ଥନ ପାଇବା ଆଶା କ୍ଷୀଣ ବୋଲି ମତପ୍ରକାଶ ପାଇଛି।

୨୦୧୭ ପଞ୍ଚାୟତ ନିର୍ବାଚନକୁ ଦେଖିଲେ ଧର୍ମଶାଳା ବ୍ଲକରେ ବିଜେଡିକୁ ୭୫,୪୦୧ ଏବଂ ଭାଜପାକୁ ୩୭,୯୪୪ ଓ କଂଗ୍ରେସକୁ ୧୬,୪୭୭ ଭୋଟ ମିଳିଥିଲା। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଭୋଟହାର ବହୁଳ ମାତ୍ରାରେ ହ୍ରାସ ପାଇଥିଲା। ଦଶରଥପୁର ବ୍ଲକରେ ବିଜେଡିକୁ ୫୯,୬୮୭, ଭାଜପାକୁ ୫୦,୬୪୯ ଓ କଂଗ୍ରେସକୁ ମାତ୍ର ୮୨୬୮ ଭୋଟ ମିଳିଥିଲା। ସେହିପରି ଯାଜପୁର ବ୍ଲକରେ ବିଜେଡିକୁ ୫୪,୯୧୨ ଓ ଭାଜପାକୁ ୨୭,୭୧୧ ଭୋଟ ମିଳିଥିଲା। ଯାଜପୁର ଓ ଦଶରଥପୁର ବ୍ଲକର ଅର୍ଦ୍ଧାଧିକ ପଞ୍ଚାୟତକୁ ନେଇ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ବିଞ୍ଝାରପୁର ବ୍ଲକରେ ଭାଜପା ଆଶାତୀତ ଭାବେ ସଫଳତା ଅର୍ଜନ କରିଥିଲା। ଏଠାରେ ବିଜେଡିକୁ ୪୮,୯୯୨ ଓ ଭାଜପାକୁ ୪୦,୬୭୮ ଭୋଟ ମିଳିଥିଲା। ସେହିପରି କୋରେଇ ବ୍ଲକରେ ବିଜେଡିକୁ ୪୫,୦୪୧, ଭାଜପାକୁ ୨୭,୬୪୨ ଓ କଂଗ୍ରେସକୁ ୨୦,୯୩୩ ଭୋଟ ମିଳିଥିଲା। ରସୁଲପୁର ବ୍ଲକରେ ବିଜେଡି ୪୭,୬୨୩ ଓ ଭାଜପା ୪୫,୫୨୪ ଭୋଟ ପାଇଥିଲା। ଏଠାରେ ବ୍ୟବଧାନ ମାତ୍ର ୨ ହଜାର ରହିଥିଲା। ବରୀ ନିର୍ବାଚନ ମଣ୍ଡଳୀର ବରୀ ବ୍ଲକରେ ବିଜେଡି ୪୦,୩୩୧ ଓ ଭାଜପାକୁ ୪୩,୮୨୮ ଭୋଟ ମିଳିଥିଲା। ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସୁକିନ୍ଦା ଓ ଦାନଗଦି ବ୍ଲକରେ ଭାଜପାକୁ ସେତେଟା ସଫଳତା ମିଳି ନ ଥିଲା। ସୁକିନ୍ଦା ବ୍ଲକରେ ବିଜେଡି ୪୧,୫୫୯, ଭାଜପା ୭୫୪୩ ଓ କଂଗ୍ରେସ ୨୦,୨୩୩ ଭୋଟ ପାଇଥିଲା। ଦାନଗଦିରେ ଭାଜପା ମାତ୍ର ୬୪୧୮ ଭୋଟ ପାଇଥିବାବେଳେ ବିଜେଡି ୩୫,୬୬୩ ଓ କଂଗ୍ରେସ ପ୍ରାର୍ଥୀ ୨୭,୫୦୧ ଭୋଟ ପାଇଥିଲେ। ବଡଚଣା ନିର୍ବାଚନ ମଣ୍ଡଳୀରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୬୩,୨୬୬, ଭାଜପା ୩୦,୨୧୬ ଓ କଂଗ୍ରେସକୁ ୨୭,୬୮୧ ଭୋଟ ମିଳିଥିଲା।

## ନ୍ୟାୟ ପାଇଁ ସ୍ୱାମୀଙ୍କ ଦୋକାନ ସମ୍ମୁଖରେ ଧାରଣା

**ଧର୍ମଶାଳା,୭।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ବଜାରରେ ଶୁକ୍ରବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ମହିଳା ନିଜ ହକ ପାଇବା ପାଇଁ ସ୍ୱାମୀଙ୍କ ଦୋକାନ ସମ୍ମୁଖରେ ଧାରଣାରେ ବସିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତ ମାଳଦା ଗ୍ରାମର ରାହାସ ବିହାରୀ ସାହୁଙ୍କ ଝିଅ ଡଲିସ୍ମିତା ୧୨/୩/୨୦୨୦ରେ ଧର୍ମଶାଳା ଥାନା ନେଉଳପୁର ଗ୍ରାମର ଅରବିନ୍ଦ ସାହୁଙ୍କୁ ବିବାହ କରିଥିଲେ। ବିବାହର ୪ ମାସ ପରେ ଦମ୍ପତିଙ୍କ ମଧ୍ୟରେ ମନମାଳିନ୍ୟ ହେବାରୁ ଡଲିସ୍ମିତା ବାପଘରେ ଯାଇ ବିଧବା ମା'ଙ୍କ ସହିତ ରହୁଛନ୍ତି।


ମହିଳା ତାଙ୍କ ସ୍ୱାମୀଙ୍କ ଲୁଗା ଦୋକାନ ଆଗରେ ଧାରଣାରେ ବସିଛନ୍ତି।

ଅନ୍ୟପଟେ ମହିଳା ଜଣକ ଭରଣପୋଷଣ ଦାବି କରୁଥିଲେ ମଧ୍ୟ ସ୍ୱାମୀ ତାହା ଦେବାକୁ ଅରାଜି ହେଉଥିବା ସେ ଅଭିଯୋଗ କରିଛନ୍ତି। ଏବେ ତାଙ୍କ ସ୍ୱାମୀ ଅରବିନ୍ଦ ଅନ୍ୟତ୍ର ବିବାହ କରିବାକୁ ଯୋଜନା କରୁଛନ୍ତି। ଏହି ଖବର ପାଇବା ପରେ ଡଲିସ୍ମିତା ତାଙ୍କ ମା'ଙ୍କ ସହ ଆସି ନ୍ୟାୟ ପାଇବା ପାଇଁ ସ୍ୱାମୀଙ୍କ ଲୁଗା ଦୋକାନ ସମ୍ମୁଖରେ ଧାରଣାରେ ବସିଥିଲେ। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ସେ ଧାରଣାରେ ବସିରହିବେ ବୋଲି କହିଛନ୍ତି। ଅନ୍ୟପଟେ ବିବାହ ବିଚ୍ଛେଦ ନେଇ କୋର୍ଟରେ କେସ୍ ଚାଲିଥିବାବେଳେ ମହିଳା ଜଣକ ଆସି ଦୋକାନ ଆଗରେ ବସି ଗାଳିଗୁଲଜ କରୁଥିବା ନେଇ ଦୋକାନ ମାଲିକ ତଥା ଅରବିନ୍ଦଙ୍କ ବଡ଼ଭାଇ ଅଭିଯୋଗ କହିଛନ୍ତି। ଏନେଇ ସେ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ଦୋକାନକୁ ବନ୍ଦ କରିବା ସହ ମହିଳା ଓ ତାଙ୍କ ମା'ଙ୍କୁ ଥାନାକୁ ନେଇ ଘଟଣାର ତଦନ୍ତ ଚଳାଇଛି।

## ପାଖରରେ ଟ୍ରେନ୍ ରହଣି ପାଇଁ ଦାବିପତ୍ର


ପାସେଞ୍ଜର ଟ୍ରେନ ରହଣି ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

**ଧର୍ମଶାଳା,୭।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଖରଠାରେ ଯାତ୍ରୀବାହୀ ଟ୍ରେନ୍ ରହଣି ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଆଞ୍ଚଳିକ ପାସେଞ୍ଜର ହଲ୍ଟ କମିଟି ପକ୍ଷରୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ରେଳମନ୍ତ୍ରୀ ଟ୍ରେନ ଯୋଗେ ବାଲେଶ୍ୱର ଗସ୍ତରେ ଯାଉଥିବା ବେଳେ ପାଖର ନିକଟରେ ଆଞ୍ଚଳିକ ପାସେଞ୍ଜର ହଲ୍ଟ କମିଟି ପକ୍ଷରୁ ଟ୍ରେନକୁ ଅଟକାଯାଇଥିଲା। ମନ୍ତ୍ରୀ ଟ୍ରେନ୍‌ରୁ ଓହ୍ଲାଇ ସେମାନଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିଥିଲେ। ଏଥିସହିତ ସେ କମିଟି ସଭ୍ୟଙ୍କୁ ଟ୍ରେନ୍ ରହଣି ଉପରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ରେଲୱେର ଉଚ୍ଚ ପଦସ୍ଥ ଅଧିକାରୀ ଓ ଭାଜପା ନେତା ପବିତ୍ର ଦାଶ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ବିଜୟ ଦାସ, ଦେବବ୍ରତ ରାଉତ, କାହ୍ନୁଚରଣ ଦାଶ, ନୃସିଂହ ଚରଣ ମିଶ୍ର, ଦିଲୀପ ଜେନା, ଲକ୍ଷ୍ମୀଧର ବଳ, ପ୍ରମୋଦ ନାୟକ, ବଳରାମ ଦାସ, ବ୍ରଜ ଖିଲାର ପ୍ରମୁଖ ଶତାଧିକ ସଭ୍ୟ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲାରୁ ୧୧,୭୩,୫୨୯ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

**ଜଗତ୍‌ସିଂହପୁର ଅଫିସ, ୭।୧**


ଜିଲାର ପ୍ରଥମ ଧାନମଣ୍ଡି ରଘୁନାଥପୁର ବ୍ଲକର ତରିକୁନ୍ଦଠାରେ ଜିଲାପାଳ ପାରୁଲ ପଟୱାରୀ ଉଦ୍‌ଘାଟନ କରୁଛନ୍ତି।

- ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ
- ୧୦୪ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କିଣାଯିବ
- କେବଳ ଟୋକନ ନେଇଥିବା ଚାଷୀ ଧାନ ବିକ୍ରି କରିପାରିବେ

ଚଳିତ ଖରିଫ ଋତୁ ପାଇଁ ଜିଲାର ପ୍ରଥମ ଧାନମଣ୍ଡି ରଘୁନାଥପୁର ବ୍ଲକର ତରିକୁନ୍ଦଠାରେ ଶୁଭାରମ୍ଭ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ୧୫ରେ ଜଗତ୍‌ସିଂହପୁର, ନାଉଗାଁ, ବିରିଡ଼ି, ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକ ଏବଂ ୨୦ତାରିଖରେ ତିର୍ତ୍ତୋଲ ବ୍ଲକରେ ମଣ୍ଡି ଖୋଲିବ ବୋଲି ସ୍ଥିର କରାଯାଇଛି। ତରିକୁନ୍ଦ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଆନୁକୂଲ୍ୟରେ ଜଗତ୍‌ସିଂହପୁର ଜିଲାରେ ଚାଷୀମାନେ ଯେତେବେଳେ ଚାହିଁବେ ଧାନ ଦେଇପାରିବେ। ନିୟନ୍ତ୍ରିତ ବଜାର କମିଟି ତରଫରୁ ଆବଶ୍ୟକ ତାରପୋଲିନ୍ ସମସ୍ତ ପ୍ୟାକ୍ସକୁ ଯୋଗାଇ ଦିଆଯାଇଛି। ଜିଲାରେ ଏ ବର୍ଷ ଚାଷୀମାନଙ୍କଠାରୁ ୧୧,୭୩,୫୨୯.୪୧ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ପକ୍ଷରୁ ସାଧାରଣ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ରଖାଯାଇଥିବାବେଳେ ଗ୍ରେଡ୍-ଏ' ପାଇଁ ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। କୋଭିଡ୍ କଟକଣା ଅନୁସାରେ ଧାନ ସଂଗ୍ରହ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡିଆର୍‌ସିଏସ୍ ରୁଦ୍ର ପ୍ରସାଦ ଦାସ, ଏଆର୍‌ସିଏସ୍ ସୁଭଦ୍ରା ପଟ୍ଟନାୟକ, ଆର୍‌ଏମ୍‌ସି ସେକ୍ରେଟାରି ସୂର୍ଯ୍ୟକାନ୍ତ ଦାସ, ମିଲର ଓ ଚାଷୀମାନେ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର ଯୋଗଦେଇ କହିଥିଲେ, ପ୍ରଥମ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକର ୯ଟି ପ୍ରାଥମିକ କୃଷି ସମବାୟ ସମିତି ଯଥା ପୁରୁଣାବସନ୍ତ, ଗୁଆଳିପୁର, ଛପଡ଼ା, ତରିକୁନ୍ଦ, ତାରପୁର, ରାଢ଼ଙ୍ଗ, ଜଗନ୍ନାଥପୁର, ରେଢୁଆ ଓ ଜିରା ମାଧ୍ୟମରେ ୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହେବ। କେବଳ ଟୋକନ ଗ୍ରହଣ କରିଥିବା ଚାଷୀ ଧାନ ବିକ୍ରିପାରିବେ। ଜିଲାରେ ମୋଟ ୧୦୪ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ମିଶ୍ର ସୂଚନା ଦେଇଥିଲେ। ଏହି ଅବସରରେ ଧାନକ୍ରୟ ସଚେତନତା ପ୍ରଚାର ରଥକୁ ଉପଜିଲାପାଳ ମଲ୍ଲିକ, ଜିଲା ଯୋଗାଣ ଅଧିକାରିଣୀ ମିଶ୍ର ଓ ଏଆର୍‌ସିଏସ୍ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

## ଆଶାୟୀ ପ୍ରାର୍ଥୀଙ୍କୁ ଡରାଉଛି ଓମିକ୍ରନ୍ ସଂକ୍ରମଣ

**କେନ୍ଦ୍ରାପଡା ଅଫିସ, ୭।୧**

- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ତାଲିକା
- ୫୦ ପ୍ରତିଶତରେ ରହିଛି ସଂରକ୍ଷଣ ତାଲିକା

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷିତ ସ୍ଥାନ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଜିଲାପାଳ ଅମୃତ ଋତୁରାଜ କେନ୍ଦ୍ରାପଡ଼ା ଜିଲାର ୩୬୯୮ ୱାର୍ଡ ସଭ୍ୟ, ୨୪୯ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ୯ଟି ବ୍ଲକ ଅଧ୍ୟକ୍ଷ ପଦର ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି। ସଂରକ୍ଷଣ ତାଲିକା ପରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ହଇଚଇ ଆରମ୍ଭ ହୋଇଯାଇଛି। ସମ୍ଭାବ୍ୟ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରଣନୀତି ସ୍ଥିର କରୁଛନ୍ତି। ଅପରପକ୍ଷରେ ଚଳିତବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରାର୍ଥୀ ସଂରକ୍ଷଣ ୫୦ ପ୍ରତିଶତରେ ସୀମିତ ରହିଛି। ଜିଲାର ୯ ବ୍ଲକ ଅଧ୍ୟକ୍ଷ କ୍ଷେତ୍ରରେ ହୋଇଥିବା ସଂରକ୍ଷଣ ତାଲିକା ଅନୁଯାୟୀ ଗରଦପୁର, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ ଅଧ୍ୟକ୍ଷ ପଦବୀ ଅସଂରକ୍ଷିତ ରଖାଯାଇଛି। ସେହିପରି ମହାକାଳପଡ଼ା, ମାର୍ଶାଘାଇ ଓ ରାଜନଗର ଅସଂରକ୍ଷିତ ମହିଳା ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଆଳି ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତଙ୍କ ପାଇଁ ସଂରକ୍ଷିତ ଥିବା ବେଳେ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି।

## ସରପଞ୍ଚ, ସମିତିସଭ୍ୟଙ୍କ ଧାରଣା



**ବାଲିକୁଦା,୭।୧(ସ୍ୱ.ପ୍ର.)**

**ଆବାସ ମରାମତି ରାଶି ବଣ୍ଟନରେ ହସ୍ତକ୍ଷେପ ନ କରିବା ନିର୍ଦ୍ଦେଶକୁ ବିରୋଧ**

ଆବାସ ଯୋଜନାରେ ଗୃହ ପାଇଥିବା ହିତାଧିକାରୀଙ୍କୁ ମରାମତି ବାବଦରେ ମିଳିବାକୁ ଥିବା ରାଶି ବଣ୍ଟନରେ ସରପଞ୍ଚ ଓ ସମିତି ସଭ୍ୟ ହସ୍ତକ୍ଷେପ ନ କରିବା ପାଇଁ ବିଡିଓ ଚିଠି (ନଂ.୧୫୧/୬।୧।୨୨)କରିବା ପରେ ଏହାକୁ ବିରୋଧ କରାଯାଇଛି। ପ୍ରତିବାଦରେ ସରପଞ୍ଚ ଓ ସମିତିସଭ୍ୟମାନେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଲୋକ ପ୍ରତିନିଧି ହୋଇଥିବାରୁ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହେବାର ସେମାନଙ୍କ ଅଧିକାର ରହିଛି। ଏଭଳି ପରିସ୍ଥିତିରେ ବିଡିଓ ଏହି କାର୍ଯ୍ୟକ୍ରମ ପାଇଁ କେବଳ ବିଧାୟକଙ୍କ ପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ସେମାନେ ଏହାକୁ ବିରୋଧ କରିଛନ୍ତି। ଏହି ଧାରଣାରେ ନିରଞ୍ଜନ ପଣ୍ଡା, ସାଧୁଚରଣ ସାହୁ, ନିକୁଞ୍ଜ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ଧାରଣାସ୍ଥଳରେ ବିଡିଓ କଲ୍ୟାଣ ସୌରଭ ଦାସ ପହଞ୍ଚି ବୁଝାଶୁଝା କରିବାପରେ ସେମାନେ ଧାରଣାରୁ ଓହରିଥିଲେ। ଏସମ୍ପର୍କରେ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଉଠାଇ ନଥିଲେ।

## ଫଳକ ଲାଗିଲା, କଢ଼ାଗଲା

**କେନ୍ଦ୍ରାପଡ଼ା ଅଫିସ, ୭।୧**

କେନ୍ଦ୍ରାପଡ଼ା ସହରର ଶାମଗୁଡ଼ିଆସ୍ଥିତ ଜିଲା ମାତୃ ଓ ଶିଶୁ ମଙ୍ଗଳ ହସ୍ପିଟାଲ ଉଦ୍‌ଘାଟିତ ହେବାର ଫଳକ ଲଗାଯିବା, ପୁଣି ହଟାଯିବା ଭଳି ଘଟଣା ଶୁକ୍ରବାର ଚର୍ଚ୍ଚାର ବିଷୟ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଡିସେମ୍ବର ୧୫ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବଣ୍ଟନ ଉତ୍ସବ ଅବସରରେ ଏହି ହସ୍ପିଟାଲକୁ ଉଦ୍‌ଘାଟନ କରିଥିଲେ। ତାହାର ଫଳକ ଲଗାଯିବା କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ତ୍ତ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିପାଇଁ ସ୍ଥାନୀୟ ବିଧାୟକ ଶଶିଭୂଷଣ ବେହେରାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ କ'ଣ ହେଲା କେଜାଣି ପୂର୍ତ୍ତ ବିଭାଗ ପକ୍ଷରୁ ଫଳକକୁ କାଢ଼ି ନିଆଗଲା। ଏ ସମ୍ପର୍କରେ ବିଧାୟକ ବେହେରାଙ୍କୁ ପଚାରିବା ପାଇଁ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ। ସେହିପରି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାମଲଙ୍କୁ ପଚରାଯିବାରୁ ସେ କହିଛନ୍ତି, ହସ୍ପିଟାଲ ନିର୍ମାଣ କାର୍ଯ୍ୟର ଚୂଡ଼ାନ୍ତ ରୂପ ଦିଆଯାଉଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ନାମଫଳକ ହସ୍ପିଟାଲରେ ଲଗାଯିବ। କିନ୍ତୁ କାହିଁକି ଫଳକ କାଢ଼ି ନିଆଗଲା ତାହା ସେ କହି ନ ଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହସ୍ପିଟାଲକୁ ଆଉଥରେ ଉଦ୍‌ଘାଟନ କରିବାର ଚାଲ୍ ଫିକା ପଡ଼ିଛି ବୋଲି ଚର୍ଚ୍ଚା ହେଉଛି। ଏପରି କି ଉପର ମହଲରୁ ନିର୍ଦ୍ଦେଶ ମିଳିବା ପରେ ଫଳକ କାଢ଼ି ନିଆଯାଇଥିବା ଆଲୋଚନା ହେଉଛି।


ଲଗାଯାଇଥିବା ଫଳକକୁ କାଢ଼ି ନିଆଯାଇଛି।

କେନ୍ଦ୍ରାପଡ଼ା ଜିଲାର ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ଶାମଗୁଡିଆଠାରେ ୨୦୧୬ ଡିସେମ୍ବରରେ ଏହି ହସ୍ପିଟାଲର ଶିଳାନ୍ୟାସ ହୋଇଥିଲା। ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ମୁଖ୍ୟ ଫାଟକ ସମେତ ହସ୍ପିଟାଲର ବିଭିନ୍ନ କୋଠରିର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାସହ ଡାକ୍ତର, ରୋଗୀଙ୍କ ପ୍ରକୋଷ୍ଠ ପ୍ରସ୍ତୁତ ହୋଇନାହିଁ କି ଆବଶ୍ୟକ ଯନ୍ତ୍ରପାତି ପହଞ୍ଚି ନାହିଁ। ବିଜୁଳି ଓ ପାନୀୟ ଜଳ ବ୍ୟବସ୍ଥା କରାଯାଉଛି। ହସ୍ପିଟାଲ ନିର୍ମାଣାଧୀନ ଥିବାରୁ ନିକଟବର୍ତ୍ତୀ ସ୍ଥାନରେ ପିଣ୍ଡି ନିର୍ମାଣ କରି ଶୁକ୍ରବାର ସେଥିରେ ଉଦ୍‌ଘାଟନ ଫଳକ ସ୍ଥାପନ କରାଯାଇଥିଲା। ସେଥିରେ ବିଧାୟକଙ୍କ ନାମ ମଧ୍ୟ ରହିଥିଲା। କିନ୍ତୁ ହଠାତ୍ ଫଳକ କାଢ଼ି ନିଆଯାଇଥିଲା।

### ମଠ ଉଚ୍ଛେଦ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ପାଣିକୋଇଲି,୭।୧(ଡି.ଏନ.ଏ.)**

ପାଣିକୋଇଲି ଥାନା ଅଧୀନ ମାଳ ଆନନ୍ଦପୁର ପଞ୍ଚାୟତର ରୁଢ଼ିଆଠାରେ ଥିବା ଅଲେଖ ମହିମା ଶୂନ୍ୟ ବ୍ରହ୍ମ ମଠ ଉଚ୍ଛେଦ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉଚ୍ଛେଦ ବନ୍ଦ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମଠ ଉଚ୍ଛେଦକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏନେଇ ଗ୍ରାମର ନରେନ୍ଦ୍ର ପଣ୍ଡା, ଶୁଭେନ ପଣ୍ଡା, ହରପ୍ରିୟା ପଣ୍ଡା, ଅସିତ ମିଶ୍ର, ଶରତ ଜେନା ଓ ବଚିତ୍ର ମିଶ୍ର ପ୍ରମୁଖ ରାଜସ୍ୱ ସଚିବ, ଜିଲାପାଳ ଓ ଠିକାସଂସ୍ଥାକୁ ପକ୍ଷଭୁକ୍ତ କରି ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। ପ୍ରକାଶଯୋଗ୍ୟ, ଯାଜପୁର ମୁଖ୍ୟ ରାସ୍ତାର ଷଠିପୁରଠାରୁ ମାଳଆନନ୍ଦପୁର ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଲାଗି ୬୦ବର୍ଷରୁ ଊର୍ଦ୍ଧ୍ୱ ହେବ ରୁଢିଆଠାରେ ନିର୍ମିତ ଅଲେଖ ମହିମା ଶୂନ୍ୟବ୍ରହ୍ମ ମଠ(ସମାଧିପୀଠ) ବିନା ନୋଟିସରେ ଭଙ୍ଗାଯିବାକୁ ଉଦ୍ୟମ ହୋଇଥିଲା। ଏ କଥା ଜାଣିବା ପରେ ଗ୍ରାମବାସୀ ବିରୋଧ କରିଥିଲେ।

### ଚୋରା ଡିଜେଲ ଜବତ, ୨ ଗିରଫ

**ଧର୍ମଶାଳା,୭।୧(ଡି.ଏନ.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ମାଣ୍ଡିଆ ଛକଠାରେ ଶୁକ୍ରବାର ପୋଲିସ ଚଢ଼ାଉ କରି ଚୋରା ଡିଜେଲ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ନେଉଳପୁର ଗ୍ରାମର ମୋଜାହିଦ ଇସଲାମ (୩୯) ଓ କୁଆଖିଆ ଥାନା କରଜଙ୍ଗା ଗ୍ରାମର ଅଜୟ ବେହୁରିଆ(୪୨)। ପୂର୍ବାହ୍ନରେ ମାଣ୍ଡିଆ ଛକଠାରେ ଏକ ଟ୍ରକରୁ ଡ୍ରାଇଭର ଡିଜେଲ କାଢ଼ି କ୍ୟାବିନରେ ଚୋରାରେ ବେପାରୀଙ୍କୁ ଦେଉଥିଲେ। ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା। ଚଢ଼ାଉବେଳେ ୩ଟି ବ୍ୟାରେଲରେ ଥିବା ୪୫ ଲିଟର ଡିଜେଲ ଜବତ କରାଯାଇଛି। ଏନେଇ ପୋଲିସ ନଂ.୬/୨୨ରେ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।

### ଶ୍ୟାମସୁନ୍ଦରପୁରରେ ଧାନମଣ୍ଡି ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୭।୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ଅଧୀନରେ ଥିବା ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତିର ଧାନମଣ୍ଡିକୁ ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠୀ, ସିସିବି ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ନିରୋଧ ନାୟକ, ସମବାୟ ସମ୍ପାଦକ ସମିତି ସଂଘ ସମ୍ପାଦକ ଅଜିତ ମଲ୍ଲିକ, ଶ୍ୟାମସୁନ୍ଦରପୁର ସମବାୟ ସମିତି ସମ୍ପାଦକ ତପନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଓବିସିଙ୍କୁ ସାମ୍ବିଧାନିକ ଅଧିକାର ଦିଅ

**ନାଉଗାଁ/ଏରସମା, ୭।୧(ସ୍ୱ.ପ୍ର.)**

ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଆଧାରରେ ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେବା ଦାବିରେ ନାଉଗାଁ ଓ ଏରସମା ବ୍ଲକରେ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ନାଉଗାଁରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରଶ୍ମିରେଖା ମଲିକଙ୍କୁ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ଜିଲା ଓବିସି ମୋର୍ଚ୍ଚାର ପ୍ରତିନିଧି ନିଳୁରାମ ଜେନା, ପ୍ରତାପ କୁମାର ମିଶ୍ର ପ୍ରମୁଖ ପ୍ରଦାନ କରିଥିଲେ। ସେହିପରି ଏରସମାରେ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ସଞ୍ଜୟ ମହାନ୍ତି, ଶଶିକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଏବିଡିଓ ଜ୍ଞାନେନ୍ଦ୍ର କୁମାର ଲେଙ୍କାଙ୍କୁ ଦିଆଯାଇଛି।

### କ୍ରିକେଟ: ଡାଳିକେଏନ୍ଦା ବିଜୟୀ

**ରାଜକନିକା,୭।୧(ଡି.ଏନ୍.ଏ.)**

ରାଜକନିକା ବ୍ଲକର ହାଟସାହି ଅନ୍ନପୂର୍ଣ୍ଣା ପଡ଼ିଆରେ ଚାଲିଥିବା ମା' ଅନ୍ନପୂର୍ଣ୍ଣା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନ ଖେଳ ଶୁକ୍ରବାର ଡାଳିକେଏନ୍ଦା ଓ ହାଟସାହି ମଧ୍ୟରେ ଅନୁଷ୍ଠିତ ହାଇଥିଲା। ତେବେ ହାଟସାହି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୨ ଓଭରରେ ୧୪୯ ରନ୍ କରିଥିଲା। ଏହାର ଜବାବରେ ଡାଳିକେଏନ୍ଦା ୧୭ ଓଭରରେ ସମସ୍ତ ୮ ଉଇକେଟ ହରାଇ ୧୫୩ ରନ୍ କରି ବିଜୟୀ ହୋଇଛି। ଖେଳକୁ ହୃଷୀକେଶ ବେହୁରିଆ ଓ ମିହିର କୁମାର ରାଉତ ପରିଚାଳନା କରିଥିଲେ।

## ସିଡିଏମ୍‌ଓଙ୍କୁ ଫେରାଦ୍ ହେଲେ ଆଶାକର୍ମୀ

**ନୟାଗଡ଼ ଅଫିସ:** କରୋନା ମହାମାରୀ ସମୟରେ ଆଶାକର୍ମୀମାନେ ସେବା ଜାରି ରଖିଛନ୍ତି । ହେଲେ ସରକାର ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ଏନେଇ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ନୟାଗଡ଼ ଶାଖା ପକ୍ଷରୁ ନୟାଗଡ ସିଡିଏମ୍‌ଓଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଆଶାକର୍ମୀଙ୍କୁ ଏପ୍ରିଲ ମାସରୁ ବର୍ଦ୍ଧିତ ପ୍ରୋତ୍ସାହନ ରାଶି ପ୍ରଦାନ, ମାସର ୧ରୁ ୧୦ ତାରିଖ ଭିତରେ ଦରମା ପ୍ରଦାନ,ଆଶାକର୍ମୀଙ୍କୁ ମୋବାଇଲ ସିମ୍ ପ୍ରଦାନ, ଡେଲିଭରୀ ରୁମକୁ ଆଶାକର୍ମୀଙ୍କୁ ଯିବାପାଇଁ ଅନୁମତି, କରୋନା ପ୍ରୋତ୍ସାହନ ରାଶି ପ୍ରଦାନ , କରୋନାରେ ପ୍ରାଣ ହରାଇଥିବା ଆଶାକର୍ମୀଙ୍କୁ ସରକାର ଘୋଷଣା କରିଥିବା ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି ।

# ନୟାଗଡ଼ରେ ଧାନ କିଣା ଶୁଭାରମ୍ଭ

■ ଚାଷୀଙ୍କ ସମସ୍ୟା ଶୁଣିଲେ ଜିଲାପାଳ

■ ଜରି ବସ୍ତା ନୁହେଁ ଅଖାବସ୍ତାରେ କିଣାଯାଉ ଧାନ

**ନୟାଗଡ଼ ଅଫିସ,୭।୧**

ଶୁକ୍ରବାର ନୟାଗଡ଼ ଜିଲାରେ ଧାନକ୍ରୟ କେନ୍ଦ୍ର(ମଣ୍ଡି) ଉଦ୍‌ଘାଟନ ହେବା ସହ ଧାନ କିଣାର ଶୁଭାରମ୍ଭ କରାଯାଇଛି। ନୟାଗଡ଼ ଜିଲାପାଳ ପୋମା ଟୁଡୁ ଖଣ୍ଡପଡ଼ା ରୋଡ଼ର ବହୁବିଧ ପଣ୍ୟଦ୍ରବ୍ୟ ବଜାର ପ୍ରାଙ୍ଗଣରେ ଖୋଲିଥିବା ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଶୁକ୍ରବାର କେବଳ ଜଣେ ଚାଷୀଙ୍କଠାରୁ ଧାନ କିଣା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬ଜଣ ମିଲରଙ୍କ ସହ ଏଗ୍ରିମେଣ୍ଟ କରାଯାଇଛି । ପରେ ଏହାର ସଂଖ୍ୟା ବୃଦ୍ଧି ପାଇବ । ଜିଲାରେ ୧୫୩ ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୧୪ଟି ସଂଲଗ୍ନ ମଣ୍ଡିରେ ଧାନ କିଣା ହେବ। ଚାଷୀ ମଣ୍ଡିରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ । ମଣ୍ଡିରେ ଏଫ୍ଏକ୍ୟୁ ଧାନ କୁଇଣ୍ଟାଲ ପିଛା ଦର ୧୯୪୦ ଟଙ୍କା ରହିଛି।

ଏହିଅବସରରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଯୋଗାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ନରେନ୍ଦ୍ର ରାଉତ, ସହକାରୀ ଯୋଗାଣ ଅଧିକାରୀ, ଏଆରସିଏସ୍ ବିରଜାନନ୍ଦନ ଦାଶ, ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ, ବାହାଡ଼ାଖୋଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଦାମ ଚରଣ ଜେନା ଉପସ୍ଥିତ ଥିଲେ । ବୈଠକରେ ହରିହରପୁର ଗାଁର ଚାଷୀ କୀର୍ତ୍ତନ ବରାଡ଼ କହିଥିଲେ, ମିଲର ଆମକୁ ଜରି ବସ୍ତା ଦେଉଛି । ଅଖା ବସ୍ତାରେ ଧାନ କିଣିଲେ ଭଲ ହେବ । ସରକାର ଅଖାବସ୍ତାରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଆମେ କାହିଁକି ଜରିବସ୍ତାରେ ଧାନ ଦେବୁ ବୋଲି କହିଥିଲେ। ଅନ୍ୟ ଜଣେ ଚାଷୀ କହିଥିଲେ, ଏବେ ବି କେତେଜଣ ଚାଷୀଙ୍କ ଧାନ ପାଣିରେ ବୁଡ଼ି ରହିଛି । କିନ୍ତୁ ସେମାନଙ୍କ ଟୋକନ ଆସି ସାରିଲାଣି। ସେମାନେ ୧ମାସ ମଧ୍ୟରେ ଧାନ ବିକ୍ରି କରିବା କାଠିକର ପାଠ ହେବ । ଟୋକନର ସମୟ ସୀମା ବଢ଼ାଇବାକୁ ସେ ଅନୁରୋଧ କରିଥିଲେ । ଅନ୍ୟପକ୍ଷେ ଧାନ କିଣା ଉପରେ ସଚେତନତା ଉଦ୍ଦେଶ୍ୟରେ ଏକ ରଥ ନୟାଗଡ଼ ଜିଲା ପରିକ୍ରମା କରିବ। ଏହାକୁ ଜିଲାପାଳ ଉଦ୍‌ଘାଟନ କରିଛନ୍ତି ।

ଅନ୍ୟପକ୍ଷେ ବାତ୍ୟା ଜୱାଦରେ ଧାନ ଫସଲ ନଷ୍ଟ ହୋଇଛି । ଜମିରେ ଥିବା ପାଣିରେ ଧାନ ଭିଜି ରହିଥିଲା । ବହୁ ପରିମାଣର ଧାନ ମାଟିରେ ପୋତି ହୋଇ ରହିଥିଲା । ବହୁ କଷ୍ଟରେ ଚାଷୀ କିଛି ପରିମାଣର ଧାନ ଅମଳ କରିଛି। ଆଉ କିଛି ଧାନ ଏଯାବତ ଅମଳ ହୋଇ ନାହିଁ। ଏଭଳିସ୍ଥଳେ ଚାଷୀଙ୍କ ପାଇଁ ସରକାର ଧାନ ମାନରେ କୋହଳ କଲେ ନାହିଁ । ଚାଷୀ ଯେଉଁ ଧାନ ସଂଗ୍ରହ କରିଛି ତାର ମାନ ଠିକ୍ ନାହିଁ ବୋଲି ସମସ୍ତେ ଜାଣନ୍ତି। ହେଲେ ସରକାର ଏଫ୍ଏକ୍ୟୁ ଧାନ କିଣିବେ ବୋଲି କହିଛନ୍ତି। ଚାଷୀ ମଣ୍ଡିକୁ ଯେଉଁ ଧାନ ଆଣିବ ତାହା ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମକିସମ ଓ ସମଆକାରର ହେବା ଦରକାର । ପୁଣି ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହେବା ଆବଶ୍ୟକ। ଧାନର ମାନ ଠିକ୍ ନ ଥିଲେ ମିଲର ଧାନ କିଣିବେ ନାହିଁ । ଏହି ନିୟମରେ ଚାଷୀ କିଭଳି ଧାନ ବିକ୍ରି କରିବ ତାହା ସମୟ କହିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ମଣ୍ଡି ଉଦ୍‌ଘାଟନ ପରେ ଜିଲାପାଳ ପ୍ରଚାର ରଥର ଶୁଭାରମ୍ଭ କରୁଛନ୍ତି ।

### କଟ୍‌ନୀ ଛଟ୍‌ନୀ ବନ୍ଦ

କଟ୍‌ନୀ ଛଟ୍‌ନୀ ବନ୍ଦ ରହିବ ବୋଲି ପ୍ରଶାସନ ଚାଷୀଙ୍କୁ ଆଶ୍ୱସନା ଦେଇଛି । ପ୍ରତିବର୍ଷ ଏଭଳି ଆଶ୍ୱସନା ଦିଆଯାଉଛି । ତେବେ ଚାଷୀଠାରୁ ମନଇଛା କଟ୍‌ନୀ ଛଟ୍‌ନୀ ଚାଲିଛି । ଚଳିତ ବର୍ଷ ଧାନର ମାନ ଠିକ୍ ନ ଥିବାରୁ କଟ୍‌ନୀଛଟ୍‌ନୀ ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏନେଇ ଚାଷୀ ଗଙ୍ଗାଧର ପଣ୍ଡା କୁହନ୍ତି, ଚଳିତ ବର୍ଷ ପ୍ରଶାସନ ଅଧିକ ମଣ୍ଡି ଖୋଲିଛି । ତେବେ ଚାଷୀର ଅସୁବିଧା ହେବନି ବୋଲି ଆଶା କରାଯାଉଛି । କଟ୍‌ନୀଛଟ୍‌ନି ହେବ ନାହିଁ ବୋଲି ଜିଲା ଧାନ ସଂଗହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷେ ଚାଷୀର କୁଇଣ୍ଟାଲ ପିଛା ଦର ଏବେ ଯେତିକି ରହିଛି ସେତିକି ଠିକ୍ ନୁହେଁ ବୋଲି ସେ କହିଛନ୍ତି ।

### ଅଭାବୀ ବିକ୍ରି ବଢ଼ୁଛି

ଜିଲାରେ ବିଳମ୍ବରେ ଧାନ ମଣ୍ଡି ଖୋଲିବା ଓ ଧାନର ମାନ ଠିକ୍ ନ ଥିବାରୁ ଚାଷୀ ତରବର ହୋଇ ୮୦୦ରୁ ୧୨ ଶହ ଟଙ୍କାରେ ଧାନ ବିକ୍ରି କରିଚାଲିଛି । ଜିଲାରେ ଅଭାବୀ ଧାନ ବିକ୍ରି ହେଉଥିଲେ ମଧ ସରକାରୀସ୍ତରରେ ପଦକ୍ଷେପ ନାହିଁ । କେବଳ ପ୍ରଶାସନ ମଣ୍ଡି ଖୋଲି ସବୁ କିଛି ଠିକ୍ ହୋଇଯିବ ବୋଲି ଆଶା ରଖିଛି । ତେବେ ଚାଷୀର ଅଭାବ, ଅସୁବିଧା ବୁଝିବାରେ କେହି ଆନ୍ତରିକତା ପ୍ରକାଶ କରୁ ନ ଥିବା ଅଭିଯୋଗ ରହିଛି। ଏନେଇ ଜିଲାପାଳ ପୋମା ଟୁଡୁ କୁହନ୍ତି, ଚାଷୀମାନେ ଶୁଖିଲା ଓ ଭଲ ଧାନ ଆଣି ମଣ୍ଡିରେ ବିକ୍ରି କରିବାକୁ ଚେଷ୍ଟା କରନ୍ତୁ । ମିଲର ଏଫ୍ଏକ୍ୟୁ ମାନର ଧାନ କିଣିବ। ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି ।

## ସଂକ୍ଷେପରେ

### ଖଣ୍ଡପଡ଼ା ବନାଞ୍ଚଳ ପକ୍ଷରୁ ପକ୍ଷୀ ଗଣନା



**ଖଣ୍ଡପଡ଼ା,୭।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବନାଞ୍ଚଳ ପକ୍ଷରୁ ଶୁକ୍ରବାର ଚଳିତବର୍ଷର ପକ୍ଷୀ ଗଣନା ଶେଷ ହୋଇଛି । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଟି ସ୍ଥାନରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଥିଲା। ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ବିଭିନ୍ନ ଜଳାଶୟକୁ ଆସିଥାନ୍ତି । ଚଳିତ ବର୍ଷ ପ୍ରାୟ ୧୭୫୭ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନପାଳ ଶ୍ରୀନିବାସ ଦାଶ, ମନୋଜ କୁମାର ସେଠୀ, ପ୍ରଫୁଲ୍ଲ କୁମାର ନାୟକ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଭାପୁର ବ୍ଲକ ଅଧୀନ ବୋରଗାଁ ପାଟ, ବେଣାଗାଡ଼ିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ପାଟ, ସିଧାମୂଳା ପଞ୍ଚାୟତ ଅଧୀନ ଅକୁରା ସର , ଖଣ୍ଡପଡ଼ା ସହରର ଉପକଣ୍ଠ ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ପକ୍ଷୀ ଗଣନା କରାଯାଇଛି । ଚଳିତ ବର୍ଷ ବିଭିନ୍ନ ଜଳାଶୟରେ ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କ ସମାଗମ ହୋଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ବିଭିନ୍ନ ସ୍ଥାନରେ ପକ୍ଷୀମାନେ କିଭଳି ସୁରକ୍ଷିତ ଓ ନିର୍ଭୟରେ ବିଚରଣ କରିପାରିବେ ସେଥିପାଇଁ ବନ ବିଭାଗ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

### ଫେକ୍ ଅଡିଓ ଟେପ୍‌କୁ ନେଇ ମାନହାନି ମାମଲା

**ନୟାଗଡ଼ ଅଫିସ,୭।୧:** ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ର ବେଣୁଧର ପ୍ରଧାନଙ୍କ ନାଁରେ ଫେକ୍ ଆଇଡି ଖୋଲିବା ଓ ସୋସିଆଲ ମିଡିଆରେ ଫେକ୍ ଅଡିଓ ପ୍ରସାରଣକୁ ନେଇ ଭୁବନେଶ୍ୱର ଦୌରାଜଜଙ୍କ କୋର୍ଟରେ ମାନହାନି ମକଦ୍ଦମା (ନଂ.୩୩/୨୨) ରୁଜୁ ହୋଇଛି। ଏହି ମକଦ୍ଦମାରେ ବିଜିପୁରର ଚିନ୍ମୟ ପରିଡ଼ା ଓ ତାଙ୍କ ବାପା ଗୟାଧର ପରିଡ଼ା, ଭାପୁରର ଜ୍ଞାନ ରଞ୍ଜନ ବାରିକ ଓ ତାଙ୍କ ବାପା ବିମ୍ବାଧର ବାରିକ, ମର୍ଦ୍ଧବାଡି ବାରବାଟୀର ମଳୟ କୁମାର ପଣ୍ଡା ଓ ୨ ଗଣମାଧ୍ୟମ ପ୍ରତିନିଧିଙ୍କ ନାଁ ରହିଛି । ଅନ୍ୟପକ୍ଷେ ବେଣୁଧରଙ୍କ ଚରିତ୍ର ସଂହାର କରିଥିବା ଫେକ୍ ଅଡିଓ ଓ ଭିଡିଓକୁ ଦୌରାଜଜ ନିଷିଦ୍ଧ ଘୋଷଣା କରିଛନ୍ତି ବୋଲି ବେଣୁଧରଙ୍କ ଓକିଲ ସୀତାଂଶୁ ମୋହନ ଦ୍ୱିବେଦୀ କହିଛନ୍ତି ।

### ୟୁକୋ ବ୍ୟାଙ୍କ ପ୍ରତିଷ୍ଠା ଦିବସ

**ଖଣ୍ଡପଡ଼ା,୭।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଓ କଣ୍ଟିଲୋ ୟୁକୋ ବ୍ୟାଙ୍କ ଶାଖାର ୭୯ ପ୍ରତିଷ୍ଠା ଦିବସ ଗୁରୁବାର ଶାଖା ପରିଚାଳକ ପ୍ରିୟବ୍ରତ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖାଯାଇ ନିରାଡମ୍ବର ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସହକାରୀ ପରିଚାଳକ ଆଲୋକ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ,ଉଦ୍‌ଘାଟନ କଲେ ମନ୍ତ୍ରୀ


ମନ୍ତ୍ରୀ ସିଡିଏମ୍‌ଓଙ୍କ କ୍ୱାର୍ଟର୍ସର ଶିଳାନ୍ୟାସ କରୁଛନ୍ତି ।

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଶୁକ୍ରବାର ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ଏକ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ନୟାଗଡ଼ ସରସ୍ୱତୀ ବିହାରରେ ସିଡିଏମ୍‌ଓଙ୍କ କ୍ୱାର୍ଟର୍ସ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ମୁକ୍ତ ପ୍ରେକ୍ଷାଳୟର ଶିଳାନ୍ୟାସ ମନ୍ତ୍ରୀ କରିଛନ୍ତି। ଏହି କ୍ୱାର୍ଟର୍ସ ନିର୍ମାଣ ପାଇଁ ୧ କୋଟି ୬ ଲକ୍ଷ ଓ ମୁକ୍ତ ପ୍ରେକ୍ଷାଳୟ ପାଇଁ ୭୦ ଲକ୍ଷ ମଞ୍ଜୁର ହୋଇଛି । ସେହିଭଳି ଦେବୋତ୍ତର କଲୋନୀରେ ୨କୋଟି ୬୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଡ୍ରେନେଜ ବ୍ୟବସ୍ଥାରେ ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଡ୍ରେନେଜ ବ୍ୟବସ୍ଥାକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେହିପରି ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ କଇଁଥଗାଡିଆ ଗାଁରେ ୧କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ବ୍ରିଜ୍ ଓ ଗାର୍ଡୱାଲର ବି ମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

## ନିମ୍ନମାନର ରକ୍ତଚାପ ବଟିକା ଯୋଗାଣ ଅଭିଯୋଗ

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ରକ୍ତଚାପ ରୋଗୀ ପାଉଥିବା ମାଗଣା ବଟିକା ଆମୋଇଡି ପାଇନ ଷ୍ଟ୍ରିପ୍ ଖୋଲିବା ସମୟରେ ତାହା ଗୁଣ୍ଡ ହୋଇଯାଉଛି। ଏହି ବଟିକାର ଏକ୍ସପାଏର ଅବଧୀ ୨୦୨୨ ଓ ୨୦୨୩ ରହିଛି । ଅବଧି ଶେଷ ପୂର୍ବରୁ ବଟିକା ଭାଙ୍ଗିଯାଉଥିବାରୁ ତାହା ନିମ୍ନମାନର ଓ ଏଥିରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇପାରେ ବୋଲି ରୋଗୀମାନେ ଭୟରେ ତାହା ସେବନ କରୁନାହାନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## କୁଆଁରିଆ ବିସ୍ଥାପିତ ହାଇକୋର୍ଟ ଯିବେ

**ଦଶପଲ୍ଲା,୭।୧(ଡି.ଏନ.ଏ.)**

କୁଆଁରିଆ ବିସ୍ଥାପିତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏଥିପାଇଁ ସହଯୋଗ କରିବାକୁ ସେମାନେ ଆଇନଜିବୀଙ୍କ ସହାୟତା ଲୋଡ଼ିଛନ୍ତି । ଶୁକ୍ରବାର କଟକସ୍ଥିତ କ୍ଲାପ୍ ଲିଗାଲ ସର୍ଭିସ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସଭ୍ୟ ଆଇନଜିବୀ ବିଜୟ କୁମାର ମିଶ୍ର, ରୋହନ ନାୟକ, ଚନ୍ଦ୍ରଦେବ ପୁରୋହିତଙ୍କ ଉପସ୍ଥିତିରେ ଏ ସଂକ୍ରାନ୍ତରେ ବିସ୍ଥାପିତ ପରିବାର ପକ୍ଷରୁ ଉଇନ ଜାନି,ନିଳାଦ୍ରୀ ଖମାରୀ ପ୍ରମୁଖ ଆଲୋଚନ କରିଛନ୍ତି । ବିବରଣୀ ଅନୁଯାୟୀ,ବର୍ତ୍ତମାନ ଡ୍ୟାମ୍ ହୋଇଥିବା ଜାଗା ପୁରୁଷାନୁକ୍ରମେ ଓଡଶର ଗ୍ରାମବାସୀଙ୍କ ଥିଲା । ୧୯୭୮ରେ ତତ୍କାଳୀନ ଦଶପଲ୍ଲା ବିଧାୟକ ହରିହର କରଣଙ୍କ ଅନୁରୋଧ ଯୋଗୁ ସେମାନେ ନିଜର ଭିଟାମାଟି ଛାଡିଥିଲେ । କଥା ଥିଲା ପ୍ରତି ପରିବାରକୁ ୩ ଏକର ଚାଷ ଜମି ଓ ୨୦ଡିସିମିଲ ଘରବାରୀ ସରକାର ଯୋଗାଇ ଦେବେ । ଏହା ବ୍ୟତୀତ ଘର କରିବା ପାଇଁ ଆର୍ଥିକ ସହାୟତା ଦେବେ । ତଦନୁଯାୟୀ ୧୯୭୮ରେ କୁଆଁରିଆ ଡ୍ୟାମ୍‌ର ଶିଳାନ୍ୟାସ ହୋଇଥିଲା । ୧୯୮୦ରେ ସେହି ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇଥିଲା। କେତେକ ପରିବାର ବୁଗୁଡା ଜଙ୍ଗଲରେ ଘର କରି ରହିଲେ । ଆଉ କେତେଜଣ ଡ୍ୟାମ୍ ତଳେ ଘର କଲେ । ହାତଗଣତି କେତେଜଣ ଲୋକଙ୍କୁ ସରକାର ଅସ୍ଥାୟୀ ପଟ୍ଟା ଦେଇଥିଲେ । ହେଲେ ବହୁ ବିସ୍ଥାପିତଙ୍କୁ ଆଜି ପର୍ଯ୍ୟନ୍ତ ତାହା ମିଳିନାହିଁ । ଏଥିପାଇଁ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଆଇନଜିବୀମାନଙ୍କୁ ଅନୁରୋଧ କରାଯାଇଛି ।

## ତହସିଲ ଘେରିଲେ କ୍ଷତିଗ୍ରସ୍ତ ଚାଷୀ

**ଖଣ୍ଡପଡା, ୭।୧ (ସ୍ୱ.ପ୍ର.)**

ଜୱାଦ ବାତ୍ୟା ଜନିତ ଲଗାଣ ବର୍ଷାରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ । ହେଲେ ସେହି ଚାଷୀମାନଙ୍କୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିନାହିଁ । ଏହାର ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନର ଆହ୍ୱାନ କ୍ରମେ ଶତାଧିକ ଚାଷୀ ଶୁକ୍ରବାର ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସଙ୍ଗଠନର ସଦସ୍ୟମାନେ ଦାବି କରିବା ସହ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡ଼ା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ଋଣଛାଡ କରିବା, ବିଭିନ୍ନ ସ୍ଥାନରେ ତୁରନ୍ତ ଧାନମଣ୍ଡି ଖୋଲିବା ଆଦି ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ତହସିଲ ଘେରାଉ କାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜିକା ମମତା ନାଥ, ଉପଦେଷ୍ଟା ସନ୍ତୋଷ ପ୍ରଧାନ, ସହ ସଂଯୋଜକ ଉମାକାନ୍ତ ଭାରତ, ଜିଲା ସହ ସଂଯୋଜକ ରଣଜିତ ଦଳବେହେରା, ଖଣ୍ଡପଡା ଏନ୍ଏସି ସଂଯୋଜକ ଚନ୍ଦ୍ର ଶେଖର ସାହୁ, ଅଭିମନ୍ୟୁ ଗୁମାନ ସିଂ, ଅକ୍ଷୟ ମହାନ୍ତି, ଶିଶିର କୁମାର ଭଞ୍ଜ, ଚକ୍ରଧର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।


ଚାଷୀମାନେ ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ଗଣିଆ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ



ସ୍ୱତନ୍ତ୍ର ଅଧିବେଶନରେ ମଞ୍ଚାସୀନ ଅତିଥି ।

**ଗଣିଆ, ୭।୧(ଡି.ଏନ୍.ଏ.)**

ଶୁକ୍ରବାର ଗଣିଆ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଶାନ୍ତିଲତା ଦାସ, ବିଡିଓ ସିରିଆଲ ଶୁଭ୍ର ପଟେଲ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, କନ୍ଧମାଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ସଦାଶିବ ମିଶ୍ର, ବ୍ଲକ ପ୍ରତିନିଧି ବଳରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତ ସମିତିର ଏହା ଶେଷ ଅଧିବେଶନ ହୋଇଥିବାରୁ ଗଣିଆ ବ୍ଲକ ଅଧୀନ ୮ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଗତ ୫ବର୍ଷରେ କରିଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ଏହି ବୈଠକ ପରେ ବିଧାୟକଙ୍କ ସମେତ ଅନ୍ୟ ଅତିଥିମାନେ ଛାମୁଣ୍ଡିଆ ପଞ୍ଚାୟତର ଗୁପ୍ତେଶ୍ୱର ମହାଦେବ ମନ୍ଦିର ତୋରଣ ସହ ଗୋପୀନାଥପୁର ଯୁବଶକ୍ତି ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## ଦେଢ଼ ବର୍ଷ ତଳେ ନିର୍ମାଣ ରାସ୍ତା ଫାଟିଲା

■ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ନିମ୍ନମାନର କାମ

■ ମାଟି ଦୋଷ କହି ଏଡାଇ ଯାଉଛନ୍ତି ଅଧିକାରୀ

**ନୂଆଗାଁ,୭।୧ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତ ସୁରୁକାବାଡ଼ି ଗ୍ରାମରେ ଦେଢ ବର୍ଷ ତଳେ ନିର୍ମାଣ ହୋଇଥିବା ରାସ୍ତା ଫାଟି ଆଁ କରିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହେଲେ କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ଚାପରେ ସେମାନେ ଚୁପ୍ ରହିଥିବା କହିଛନ୍ତି। ଲୋକଙ୍କ ଗମନାଗମନକୁ ସୁଗମ୍ୟ କରିବା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତିଗାଁକୁ ପକ୍କା ସଡ଼କ ନିର୍ମାଣ କରିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ଅନେକ ସ୍ଥାନରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ସରକାରଙ୍କ ଟଙ୍କା ବାଟମାରଣା ହେବା ସହ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ଗାତେରୀ ପଞ୍ଚାୟତର ସୁରୁକାବାଡ଼ି ଗ୍ରାମର ୪ଶହ ବାସିନ୍ଦା ବହୁ ଦିନରୁ ଅବହେଳିତ ଭାବେ ରହି ଆସିଛନ୍ତି। ସରକାର ସେହି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଛନ୍ତି। ତେଣୁ ଉକ୍ତ ଗ୍ରାମକୁ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବା ସହ ଗ୍ରାମବାସୀଙ୍କ ସମସ୍ୟା ସୁଧାରିବା ପାଇଁ ପ୍ରଚେଷ୍ଟା କରୁଛି । ସେଥିପାଇଁ ଉକ୍ତ ଗ୍ରାମରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ପ୍ରକଳ୍ପ ନିର୍ମାଣ କରିବାର ଯୋଜନା ରହିଛି। ସେଥିମଧ୍ୟରୁ ଏକାଧିକ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି । ସେହି ପ୍ରକଳ୍ପ ମଧ୍ୟରୁ ସୁରୁକାବାଡ଼ି ତେନ୍ତୁଳି ଗଛ ପଶ୍ଚିମ ପାର୍ଶ୍ୱଠାରୁ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାର ଦେଢ ବର୍ଷ ନ ପୂରୁଣୁ ଫାଟି ଆଁ କରିଥିବା ବେଳେ ସେହି ଫାଟରେ ଅନାବନା ଗଛ ଉଠିଲାଣି । ଏପରି ରାସ୍ତା ଦେଖି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ଚାପରେ କାହାରିକୁ ଅଭିଯୋଗ କରିବା ପାଇଁ ସେମାନେ ସାହସ କରୁ ନ ଥିବା କହିଛନ୍ତି । ଠିକାଦାର ସେହି ବ୍ୟକ୍ତିମାନଙ୍କ ପାଖ ଲୋକ ହୋଇଥିବାରୁ କନିଷ୍ଠ ଯନ୍ତ୍ରୀଙ୍କ କଥାକୁ ଖାତିର ନ କରି ଏଭଳି କାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମକୁ ରାଜନୈତିକ ବ୍ୟକ୍ତି ଓ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ପରିବର୍ତ୍ତେ ସେଠାରୁ ଫାଇଦା ହାସଲ କରିବା କଥାକୁ ସାଧାରଣରେ ନିନ୍ଦା କରାଯାଇଛି। କେବଳ ରାସ୍ତା ନିର୍ମାଣ ନୁହେଁ ୧ ଲକ୍ଷ ଟଙ୍କା ବ୍ୟୟରେ ପୋଖରୀ ତୁଠରେ ମହିଳାଙ୍କ ପାଇଁ ପୋଷାକ ବଦଳାଇବା ଲାଗି ନିର୍ମାଣ କରାଯାଇଥିବା ଗୃହ ନିମ୍ନମାନର କାମ ଯୋଗୁ ଭାଙ୍ଗିବାକୁ ବସିଛି। ଏ ସଂକ୍ରାନ୍ତରେ ନୂଆଗାଁ ବିଡ଼ିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ମୋ ସମୟରେ ସେହି କାମ ହୋଇ ନ ଥିଲା । ତଥାପି ସେ ବିଷୟରେ ମୁଁ ତଦନ୍ତ କରିବି । ଅଧିକାଂଶ ସ୍ଥାନରେ ମାଟି ଦୋଷ ଯୋଗୁ ରାସ୍ତା ଫାଟି ଯାଉଥିବା ଜଣାପଡିଛି ବୋଲି ସେ କହିଛନ୍ତି ।


ରାସ୍ତା ଫାଟି ଆଁ କରିଛି ।

## ମହିପୁରରୁ ନୂଆଗାଁ ଗଡ଼ିବ ଟ୍ରେନ

■ ଫେବୃୟାରୀରେ ଶେଷ ହେବ କାମ

■ କଟକରେ ରେଳମନ୍ତ୍ରୀଙ୍କ ଘୋଷଣା

**ନୟାଗଡ଼ ଅଫିସ, ୭।୧**

ଓଡିଶା ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର କଟକର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଫେବୃୟାରୀ ଶେଷ ସୁଦ୍ଧା ମହିପୁରରୁ ନୂଆଗାଁ ଟ୍ରେନ ଚଳାଚଳ କରିବ ବୋଲି ଘୋଷଣା କରିଛନ୍ତି। ମହିପୁରରୁ ନୂଆଗାଁ ରେଳପଥର କାମ ଶେଷ ହୋଇ ଆସିଲାଣି । ସେହିପରି ନୂଆଗାଁରୁ ଦଶପଲ୍ଲା ରେଳପଥ ନିର୍ମାଣ ବହୁ କଷ୍ଟସାଧ୍ୟ ଥିଲା । ଜମି ଅଧିଗ୍ରହଣରେ ଅସୁବିଧା ହୋଇଥିଲା । ଆସନ୍ତା ୧୦ ମାସ ମଧ୍ୟରେ ନୂଆଗାଁ-ଦଶପଲ୍ଲା ରେଳପଥ କାମ ଶେଷ ହେବ । ଦଶପଲ୍ଲା-ବୁଗୁଡା ରେଳପଥ ନିର୍ମାଣରେ ବହୁ ଅସୁବିଧା ରହିଛି। ଫରେଷ୍ଟ କ୍ଲିୟରାନ୍ସ ମିଳିପାରି ନାହିଁ। ଫରେଷ୍ଟ କ୍ଲିୟରାନ୍ସ ମିଳିଲେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ବଲାଙ୍ଗୀରରୁ ସୋନପୁର, ବୌଦ୍ଧ, ଚମ୍ପାପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ଆସନ୍ତା ୧୪ମାସ ମଧ୍ୟରେ ସେହି କାମ ଶେଷ ହେବ ବୋଲି ରେଳମନ୍ତ୍ରୀ କହିଛନ୍ତି ।

## ୫୦ ଲକ୍ଷ ଟଙ୍କାର ଗହଣା ଚୋରି

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ସଦର ଥାନା ରାଇପୁର ଗାଁରେ ଶୁକ୍ରବାର ରାତିରେ ମହେଶ୍ୱର ନାୟକଙ୍କ ଘରୁ ୪୦୦ ଗ୍ରାମ ଓଜନର ସୁନା ଓ ୭୦୦ ଗ୍ରାମର ରୁପା ଅଳଙ୍କାର ଚୋରି ହୋଇଛି। ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଛି । ସେହିପରି ବାସଗୃହ ସଂଲଗ୍ନ ତେଜାରାତି ଦୋକାନରୁ ସୁଜି, ଚିନି ଓ ଚାଉଳକୁ ଛାଡି ଅନ୍ୟ ସମସ୍ତ ସାମଗ୍ରୀକୁ ଚୋରମାନେ ନେଇ ପଳାଇଛନ୍ତି । ଯାହାର ଦାମ ୨ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ହୋଇଛି। ମହେଶ୍ୱରଙ୍କ ପରିବାର ଲୋକମାନେ ଶୋଇଥିବା ବେଳେ ଏହି ଘଟଣା ଘଟିଛି। ଗାଁ ଦାଣ୍ଡରେ ବସର ଚକା ଚିହ୍ନ ରହିଛି । ଘରର କେତେକ ଉପକରଣ ରାସ୍ତାରେ ପଡିଛି । ଚୋରି ସମ୍ପର୍କରେ ଜାଣିବା ପରେ ପୋଲିସକୁ ଅବଗତ କରାଯାଇଥିଲା । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିପାରିନାହିଁ।

## ଶାଶୁ, ଶାଳୀଙ୍କୁ ତାଲା ପକାଇ ପିଟିଲେ ଜ୍ୱାଇଁ

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ଟାଉନ ଥାନା ରାଜବଗିଚା ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ଶାଶୁ ଓ ଶାଳୀଙ୍କ ସମେତ ୫ଜଣଙ୍କୁ ଏକ ଘରେ ତାଲା ପକାଇ ରଖିଥିଲେ । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଏହି ଘଟଣାର ୩ ଘଣ୍ଟା ପରେ ସେମାନଙ୍କୁ ଉଦ୍ଧାର କରିଛି । ଭୁବନେଶ୍ୱରର ଇପ୍ସିତା ଦାସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବଡ ଭଉଣୀ ନୟାଗଡ଼ ରାଜବଗିଚାରେ ବାହା ହୋଇଛନ୍ତି । ବଡ଼ ଭଉଣୀଙ୍କୁ ଶାଶୁଘର ଲୋକେ ଅଧିକ ୨ ଲକ୍ଷ ଟଙ୍କା ବାପା ଘରୁ ଆଣିବାକୁ କହିଥିଲେ । ଦାବି ମୁତାବକ ଟଙ୍କା ନ ମିଳିବାରୁ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକମାନେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଖବର ପାଇ ଇପ୍ସିତା ତାଙ୍କ ମା, ଭିଣୋଇ, ପୁତୁରା, ସମ୍ପର୍କୀୟ ଭଉଣୀଙ୍କ ସହ ନୟାଗଡ଼ ଆସିଥିଲେ । ଇପ୍ସିତାଙ୍କୁ ଦେଖି ଭିଣୋଇ ଓ ପରିବାର ସଦସ୍ୟମାନେ ଉତ୍ତେଜିତ ହୋଇ ସେମାନଙ୍କୁ ଘରେ ତାଲା ପକାଇ ମାରପିଟ୍ କରିଥିଲେ । ଇପ୍ସିତା କୁହନ୍ତି, ଏନେଇ ମୁଁ ଟାଉନ ଥାନାରେ ଅଭିଯୋଗ କରିଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଆଇଆଇସି ପ୍ରଜ୍ଞା ପାରମିତା ଜେନା ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ।

## ମୋଡାନାଳ ପୋଲ ଲୋକାର୍ପଣ

**ଖଣ୍ଡପଡା,୭।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ସିଂଘାପଡା ପଞ୍ଚାୟତର ସାରଣ୍ଡା ଗ୍ରାମକୁ ସଂଯୋଗ କରୁଥିବା ମୋଡାନାଳ ପୋଲର ଲୋକାର୍ପଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷରୁ ସ୍ଥାନୀୟ ଅଞ୍ଚଳବାସୀ ଏଥିପାଇଁ ଦାବି କରି ଆସୁଥିଲେ । ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ୨୨ ଲକ୍ଷ ଟଙ୍କା ଅନୁଦାନରେ ଏହି ପୋଲ ନିର୍ମାଣ କରାଯାଇଛି । ଆୟୋଜିତ ଲୋକାର୍ପଣ ଉତ୍ସବରେ ଖଣ୍ଡପଡ଼ା ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ପୋଲକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିଂଘାପଡା ସରପଞ୍ଚ ନମିତା ପଣ୍ଡା, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ ।